# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 6 June - 2025

************************************

## ମୁଖ୍ୟ ସମ୍ବାଦ

- ଦେଶର ଯୁବବର୍ଗଙ୍କ ପାଇଁ ଗତ ୧୧ବର୍ଷ ମଧ୍ୟରେ ଭାରତକୁ ବିଭିନ୍ନ କ୍ଷେତ୍ରରେ ସଫଳତା ମିଳିଛି - କହିଲେ ପ୍ରଧାନମନ୍ତ୍ରୀ ।
- ଭୁବନେଶ୍ୱର ଲୋକସେବା ଭବନରେ ରାଜସ୍ୱମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୋଟିଆ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ।
- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ବୈଠକ ଜାରି ।

ଏବଂ

- ରାଜ୍ୟରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସତର୍କ ସୂଚନା ।

## ପିଏମ୍-ୟୁଥ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱସ୍ତରରେ ଭାରତର  ଯୁବବର୍ଗ ସଫଳତା ଅର୍ଜନ କରୁଥିବା କହିଛନ୍ତି । ଏନ୍‌ଡିଏ ସରକାର କେନ୍ଦ୍ରରେ ୧୧ ବର୍ଷ ପୂର୍ଣ୍ଣ କରିଥିବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀ ଯୁବକମାନଙ୍କୁ ନବୀନତା, ଦୃଢ଼ ଇଚ୍ଛାଶକ୍ତି ଓ ଉତ୍ସାହର ପ୍ରତୀକ ବୋଲି ବର୍ଣ୍ଣନା କରି ଗତ ୧୧ ବର୍ଷ ମଧ୍ୟରେ ଦେଶର ଯୁବବର୍ଗଙ୍କ ଯୋଗୁଁ ଭାରତକୁ  ବିଭିନ୍ନ କ୍ଷେତ୍ରରେ ସଫଳତା ମିଳିଛି ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଷ୍ଟାର୍ଟଅପ୍ ଇଣ୍ଡିଆ ସ୍କିଲ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ ଓ ନୂତନ ଶିକ୍ଷାନୀତି ୨୦୨୦ ଆଦି ସରକାରଙ୍କ ପଦକ୍ଷେପ ଗୁଡ଼ିକ ଯୁବକମାନଙ୍କୁ ସଶକ୍ତ କରିବା ପାଇଁ ଆରମ୍ଭ କରାଯାଇଛି । ସଶକ୍ତ ଯୁବାଶକ୍ତି ସଶକ୍ତ ଦେଶ ଗଠନ କରିପାରେ । ବିକଶିତ ଭାରତ ଗଠନ ଉଦ୍ୟମକୁ ଯୁବବର୍ଗଙ୍କ ଅଭୂତପୂର୍ବ ସହଯୋଗ ମିଳିବ ବୋଲି  ପ୍ରଧାନମନ୍ତ୍ରୀ ଆଶା ପୋଷଣ କରିଛନ୍ତି ।

## କୋଟିଆ-ସୁରେଶ ପୂଜାରୀ

କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ, ଏହାକୁ ନେଇ କୌଣସି କୋହଳ ମନୋଭାବ ପୋଷଣ କରାଯିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ କୋଟିଆ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ପୂଜାରୀ କହିଛନ୍ତି, ଆଗାମୀ ଦିନରେ କୋଟିଆ ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ । କୋଟିଆବାସୀଙ୍କ ସାମାଜିକ ଓ ସାଂସ୍କୃତିକ ଉନ୍ନତି ସହ ଯୁବ

ସମାଜର ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ । ଆସନ୍ତା ଏକମାସ ମଧ୍ୟରେ ଅଧିକାରୀମାନେ ନିଜନିଜ ବିଭାଗର ରୂପରେଖ ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପାଇଁ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି ।

**- V/O -**

ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟିଆ ପାଇଁ ଗଠିତ କମିଟିର ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, କୋରାପୁଟ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ମିଶାଇ ୧୬ଜଣ ସଦସ୍ୟ ଉପସ୍ଥିତ ଥିଲେ ।

## କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ବୈଠକ ଜାରି ରହିଛି । ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିବା ନେଇ ଆଶା କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ମୁଖ୍ୟମନ୍ତ୍ରୀ – କନ୍ଧମାଳ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସନ୍ତାକାଲି କନ୍ଧମାଳ ଜିଲ୍ଲା ଗସ୍ତରେ ଯିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୬୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ସରକାରୀ ମେଡିକାଲ୍ କଲେଜ ସହିତ ବିଭନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କରୋନେସନ

ପଡ଼ିଆରେ ଜନସଭାକୁ ସମ୍ବୋଧନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ନିଯୁକ୍ତିପତ୍ର

ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ତଥା ପ୍ରକ୍ରିୟାକରଣ ସ୍ୱଚ୍ଛତା ଆଣିବା ପାଇଁ ଗତ ୧ ବର୍ଷରେ ରାଜ୍ୟ ସରକାର ୨୭ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ୭ଟି ବିଭାଗ ପାଇଁ ୧ ହଜାର ୨୪୮ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରି ଶ୍ରୀ ମାଝୀ କହିଛନ୍ତି, ଆସନ୍ତା ୫ ବର୍ଷରେ ୧ ଲକ୍ଷ ୫୦ ହଜାର ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ସରକାରୀ ଏବଂ ବେସରକାରୀ ଚାକିରି କ୍ଷେତ୍ର ନିଯୁକ୍ତିରେ ସ୍ୱଚ୍ଛତାକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଚାରୋଟି ପର୍ଯ୍ୟାୟରେ ୧ ଲକ୍ଷ ୫୦ ହଜାର କୋଟି ପୁଞ୍ଜିନିବେଶ ଫଳରେ ୯୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୁନିଶ୍ଚିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଏହି ଅବସରରେ ଶ୍ରୀ ମାଝୀ 'ଏକ ପେଡ଼ ମା' କେ ନାମ' ଅଭିଯାନରେ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ନବନିଯୁକ୍ତଙ୍କୁ ଆହ୍ୱାନ

ଦେଇଛନ୍ତି। କାର୍ଯ୍ୟକ୍ରମରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## କନକ ବର୍ଦ୍ଧନ ସିଂହଦେଓ

ଶକ୍ତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ପାଇଁ କେନ୍ଦ୍ର ସରକାର ୨୦୩୦ ମସିହା ସୁଦ୍ଧା ଅକ୍ଷୟ ଶକ୍ତି ଉତ୍ସରୁ ୫୦୦ ଗିଗାୱାଟ୍ ଶକ୍ତି ଉତ୍ପନ୍ନ ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଭୁବନେଶ୍ୱରଠାରେ ଆଜି ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଏବଂ ୱାପ୍‌କୋସ୍ ଲିମିଟେଡ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହେବା ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି ଓଏଚ୍‌ପିସି ୬୦୦ ମେଗାୱାଟ୍ ଜଳବିଦ୍ୟୁତ୍ ଗୃହ ସହ ଅପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ନିକଟରେ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ କରୁଛି । ଏହି ସହଭାଗିତା ଦକ୍ଷତା ବୃଦ୍ଧି କରିବା ସହ ରାଜ୍ୟର ଶକ୍ତିକ୍ଷେତ୍ରକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ-ସହାୟତା ପ୍ରଦାନ

ଗଞ୍ଜାମ ଜିଲ୍ଲା ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ୧୩ବର୍ଷ ବୟସ୍କ ଶୁଭଙ୍କର ନାହାକଙ୍କ ପରିବାର ବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସମବେଦନା ଜଣାଇଛନ୍ତି । ଏଥିସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଶ୍ରୀ ମାଝି ଘୋଷଣା କରିଛନ୍ତି ।

# ରୁକ୍ମିଣୀ ହରଣ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ରୁକ୍ମିଣୀ ହରଣ ନୀତି ଅନୁଷ୍ଠିତ ହୋଇଯାଇଛି । ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ପରମ୍ପରା ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିବାହ ଉତ୍ସବ କରାଯାଇଛି । ସକାଳ ଧୂପପୂଜା ସମ୍ପନ୍ନ ହେବା ପରେ ମହାଲକ୍ଷ୍ମୀ ଆଜ୍ଞାମାଳ ପାଇ ଲକ୍ଷ୍ମୀ ମନ୍ଦିରକୁ ବିଜେ କରିଥିଲେ । ସେହିପରି ମଦନମୋହନ ସିଂହାସନକୁ ବିଜେ କରିଥିଲେ । ଭୋଗମଣ୍ଡପ ନୀତି ସରିବା ପରେ ମଦନମୋହନ ଜୟବିଜୟ ଦ୍ୱାରକୁ ବିଜେ କରିଥିଲେ । ସେଠାରେ ଆଲଟଲାଗି ନୀତି ପରେ ବଚନିକା ନୀତି ସମ୍ପନ୍ନ କରାଯାଇଥିଲା । ପରେ ମଦନମୋହନ ବିମାନକୁ ବିଜେ ହୋଇ ରୁକ୍ମିଣୀ ହରଣ ନୀତି ଅନୁଷ୍ଠିତ ହୋଇଥିଲା ।

# ଉତ୍କର୍ଷ ନିମାପଡା ସମ୍ମିଳନୀ

ଉତ୍କର୍ଷ ନିମାପଡ଼ା ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଗୋଟିଏ ବର୍ଷର କାମ ବାବଦରେ ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ନିମାପଡା ବିଧାୟିକା ପ୍ରଭାତି ପରିଡ଼ା । ନିମାପଡ଼ାର ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ସେ ଜଳ ନିଷ୍କାସନ, ସଡ଼କ ନିର୍ମାଣ, ପଟ୍ଟା ପ୍ରକାଶନ ଏବଂ ଗୋପ ମେଗା ପାନୀୟଜଳ ପ୍ରକଳ୍ପର ଉଦାହରଣ ଦେଇଛନ୍ତି । ଏହି ସମ୍ମିଳନୀରେ ବିପର୍ଯ୍ୟୟ ପ୍ରତିରୋଧି ନିମାପଡ଼ା ପର୍ଯ୍ୟଟନ, କଳା ଓ ସଂସ୍କୃତି ଏବଂ ଉତ୍କର୍ଷ ନିମାପଡା ୨୦୩୬ ପାଇଁ କାର୍ଯ୍ୟଖସଡ଼ା ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଛି ।

# ପରଲୋକ

ବରଗଡ ଜିଲ୍ଲା ପୁରାତନ ମେଲ୍‌ଛାମୁଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ମହମ୍ମଦ ରଫିକ୍‌ଙ୍କର ୭୧ ବର୍ଷ ବୟସରେ ଆଜି ପରଲୋକ ଘଟିଛି । ସେ କିଛିଦିନ ହେବ ବରଗଡର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ସ୍ୱର୍ଗତଃ ରଫିକ୍ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ମେଲ୍‌ଛାମୁଣ୍ଡା ବିଧାନସଭା କ୍ଷେତ୍ରର ବିଧାୟକ ଥିଲେ। ସେ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରୁଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ରଫିକ୍‌ଙ୍କ ବିୟୋଗରେ ଶୋକପ୍ରକାଶ କରି ତାଙ୍କୁ ଜଣେ ସରଳ, ଅମାୟିକ, ଲୋକପ୍ରିୟ ସଂଗଠନ ଓ ସମର୍ପିତ ରାଜନେତା ଥିଲେ ବୋଲି କହିଛନ୍ତି ।

# ଜନଶୁଣାଣି

ଚଳିତମାସ ୯ ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଆଜି ଗୋଟାଏରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇଛି । ଆଗ୍ରହୀ ଜନସାଧାରଣ **janasunani.odisha.gov.in** ପୋର୍ଟାଲ ଜରିଆରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଅଣପଞ୍ଜୀକୃତ ଆବେଦନକାରୀଙ୍କ ଅଭିଯୋଗପତ୍ର ଗୁଡ଼ିକ ମଧ୍ୟ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

## ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଂଗ୍ରାମପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରିବେଶ ସୁରକ୍ଷା ସମ୍ପର୍କିତ ଆଇନ୍, ବନ୍ୟଜନ୍ତୁ ସୁରକ୍ଷା ଆଇନ୍ ଆଦି ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ ।

## ଆରକ୍ଷୀ ଅଧୀକ୍ଷକ – ବୈଠକ

ପବିତ୍ର ଦେବସ୍ନାନପୂର୍ଣ୍ଣିମା ଲାଗି ଶ୍ରୀମନ୍ଦିର ଛତିଶା ନିଯୋଗ ସହ ପୁରୀ ପୋଲିସର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ନାନ ଯାତ୍ରାକୁ ଶୃଙ୍ଖଳିତ ପରିଚାଳନା ଓ ସେବାୟତ ଏବଂ ପୋଲିସ ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟକରିବା ଉପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଆଲୋଚନା କରିଛନ୍ତି । ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁଙ୍କ ପହଣ୍ଡି, ଜଳଲାଗି ଏବଂ ହାତୀବେଶକୁ ସୁଚାରୁରୂପେ ସମାପନ କରିବା ପାଇଁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଛି । ପାଳିଆ ସେବାୟତଙ୍କ ଯାତାୟତ, ଟ୍ରାଫିକ ବ୍ୟବସ୍ଥା ଓ ମହାପ୍ରଭୁଙ୍କ ପହଣ୍ଡି ସମୟରେ ଦକ୍ଷ  ଓ ଯୁବ ସେବାୟତମାନଙ୍କୁ ନିୟୋଜିତ କରିବା ପାଇଁ ଆଲୋଚନା କରାଯାଇଛି । ଏହାସହ ଅପରାଧ ଓ ନିଶା କାରବାର ରୋକିବାକୁ ପୋଲିସର ସ୍ୱତନ୍ତ୍ର ଦଳ କାର୍ଯ୍ୟ କରୁଥିବା ନେଇ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି ।

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଘଡ଼ଘଡ଼ି ସହ ବର୍ଷା ହୋଇଯାଇଛି । ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁରରେ ସର୍ବାଧିକ ୪୬ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।